# NATIONAL NEWS BULLETIN (ODIA)

## 11 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ବିରୋଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସମ୍ପର୍କରେ ବିଭିନ୍ନ ରାଷ୍ଟ୍ରକୁ ଅବଗତ କରାଇଥିବାରୁ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀକୁ ଉଚ୍ଚ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।
- ବନ୍ୟା ନିୟନ୍ତ୍ରଣ ଏବଂ ଜଳ ପରିଚାଳନା ପାଇଁ ମହାକାଶ ପ୍ରଯୁକ୍ତି କ୍ଷେତ୍ରର ସର୍ବାଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ୨୦୨୯ ସୁଦ୍ଧା ଦେଶର ପ୍ରତିରକ୍ଷା ଉତ୍ପାଦନ ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କଲେ ସରକାର ।
- ଓଡ଼ିଶା ଖୁବ୍ ଶୀଘ୍ର ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ ହେବ, କହିଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ୨୦୨୭ ଏ.ଏଫ୍.ସି. ଏସିଆନ୍ କପ୍ ଫୁଟବଲ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ହଂକଂ ଠାରୁ ୧-୦ରେ ଗାଲ୍‌ରେ ପରାସ୍ତ ।

# ପିଏମ୍-ଡେଲିଗେସନ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପଦକ୍ଷେପ ସମ୍ପର୍କରେ ଭାରତର ଆଭିମୁଖ୍ୟକୁ ବିଭିନ୍ନ ରାଷ୍ଟ୍ରରେ ଉପସ୍ଥାପନ କରିଥିବାରୁ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀଗୁଡ଼ିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ଏହି ୭ଟି ପ୍ରତିନିଧି ମଣ୍ଡଳୀର ସଦସ୍ୟଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କର କାର୍ଯ୍ୟ ପାଇଁ ଭାରତ ଗର୍ବିତ ।

ଏହି ପ୍ରତିନିଧି ମଣ୍ଡଳୀ ୩୩ଟି ରାଷ୍ଟ୍ରର ରାଜଧାନୀକୁ ଗସ୍ତରେ ଯାଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶାନ୍ତି ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ସଂକ୍ରାନ୍ତ ଦେଶର ଆଭିମୁଖ୍ୟକୁ ଉପସ୍ଥାପନ କରିବାରେ ଏହି ପ୍ରତିନିଧି ମଣ୍ଡଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏହି ସଦସ୍ୟମାନେ ସେମାନଙ୍କର ଅଭିଜ୍ଞତା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ମତବିନିମୟ କରିଛନ୍ତି ।

କଂଗ୍ରେସ ସାଂସଦ ଶଶି ଥରୁର୍ ରାଷ୍ଟ୍ର ସେବାରେ ସୁଯୋଗ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ଏହି ପ୍ରତିନିଧି ମଣ୍ଡଳୀୟ ସଦସ୍ୟଙ୍କୁ ଭେଟିଛନ୍ତି ।

# ଶାହା-ଫ୍ଲଡ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ବିପର୍ଯ୍ୟୟ ପରିଚାଳନା ଜୀବନହାନୀକୁ ଶୂନ୍ୟସ୍ତରକୁ ନେବାରେ ସହାୟକ ହେଉଛି । ନୂଆଦିଲ୍ଲୀ ଠାରେ ଗତକାଲି ବନ୍ୟା ପରିଚାଳନା ପ୍ରସ୍ତୁତି ସଂକ୍ରାନ୍ତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ରାଜ୍ୟ ଓ ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ସହ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିବାକୁ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି । ତୃଣମୂଳ ସ୍ତରରେ ପ୍ରାରମ୍ଭିକ ସତର୍କତା ନେଇ ପ୍ରଚାର ଏବଂ ପ୍ରସାରକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ବନ୍ୟା ନିୟନ୍ତ୍ରଣ ଏବଂ ଜଳ ପରିଚାଳନା ପାଇଁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ମହାକାଶ ପ୍ରଯୁକ୍ତି କ୍ଷେତ୍ରର ସର୍ବାଧିକ ବ୍ୟବହାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସହରାଞ୍ଚଳ ବନ୍ୟା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଶାହା କେନ୍ଦ୍ରୀୟ ସଂସ୍ଥା ଗୁଡ଼ିକୁ ଏ କ୍ଷେତ୍ରରେ ଆବଶ୍ୟକ ଏବଂ ସମୟୋଚିତ ପଦକ୍ଷେପ ଗ୍ରହଣ କରିବା ନେଇ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି ବୈଠକରେ ବନ୍ୟା ପରିଚାଳନା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ବିସ୍ତୃତ ମତ ବିନିମୟ ହୋଇଛି । ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ଦୀର୍ଘ କାଳୀନ ପଦକ୍ଷେପ ଏବଂ ଗତବର୍ଷ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଶ୍ରୀ ଶାହା ସମୀକ୍ଷା କରିଛନ୍ତି ।

# ଓଡ଼ିଶା ସିଏମ୍-ଗୁଡ୍ ଗଭର୍ଣ୍ଣାନ୍ସ

ସୁ-ଶାସନରେ ସମଗ୍ର ଦେଶ ପାଇଁ ଓଡ଼ିଶା ଏକ ଆଦର୍ଶ ଭାବେ ପରିଗଣିତ ହେବା ସହ ୨୦୩୬ ସୁଦ୍ଧା ୫ଟି ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ସ୍ଥାନ ପାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟରେ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶା ଖୁବ୍ ଶୀଘ୍ର ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ ହେବ । ଏହି ଅଳ୍ପ ସମୟର ଅବଧି ମଧ୍ୟରେ ରାଜ୍ୟ ସରକାର ସାଢ଼େ ୪ କୋଟି ଲୋକଙ୍କ ଆଶା ଏବଂ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛି ।

ଗତ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ ସମସ୍ତ ପ୍ରମୁଖ ପ୍ରତିଶ୍ରୁତିକୁ ସରକାର ପୂରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତାବର୍ଷ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଏବଂ ୫ ଲକ୍ଷ ଲୋକଙ୍କୁ ଅନ୍ତୋଦୟ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ । ଏହି ବର୍ଷକ ମଧ୍ୟରେ ପ୍ରାୟ ୨୮ ହଜାର ସରକାରୀ ନିଯୁକ୍ତି ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ବିକାଶ ମେଳା

ଏହି ଉପଲକ୍ଷେ ଆଜିଠାରୁ ରାଜ୍ୟସ୍ତରୀୟ ବିକାଶ ମେଳା ଆରମ୍ଭ ହେଉଛି । ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳାରେ ସରକାରଙ୍କ ବିଭିନ୍ନ ବିଭାଗର ସଫଳତା ପ୍ରଦର୍ଶନ କରାଯିବା ସହ ନିଆରା ଉତ୍ପାଦର କିଣାବିକା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ଜୟଶଙ୍କର-ଇୟୁ

ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ଭାରତର ସମର୍ଥନକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଦୋହରାଇଛନ୍ତି ।  ବୈଦେଶିକ ବ୍ୟାପାର ଏବଂ ସୁରକ୍ଷା ନୀତି ପାଇଁ ୟୁରୋପୀୟ ସଂଘର ଉଚ୍ଚସ୍ତରୀୟ ପ୍ରତିନିଧି କାଜା କଲାସ୍‌ଙ୍କ ସହ ଡକ୍ଟର ଜୟଶଙ୍କର ଆଲୋଚନା କରିଛନ୍ତି । ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ଏକ ଉଜ୍ଜ୍ୱଳ ବାସ୍ତବତାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଉଭୟ ପକ୍ଷ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ବୈଶ୍ୱିକ ସ୍ତରରେ ପରିବର୍ତ୍ତନ ତ୍ୱରାନ୍ୱିତ ହୋଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆଲୋଚନା କାଳରେ ବିଶ୍ୱ ବ୍ୟବସ୍ଥା, ୟୁରୋପୀୟ ପରିସ୍ଥିତି, ୟୁକ୍ରେନ୍ ବିବାଦ, ପଶ୍ଚିମ ଏସିଆ ଅଞ୍ଚଳ, ଭାରତୀୟ ଉପମହାଦେଶ, ଭାରତ-ପ୍ରଶାନ୍ତ

ମହାସାଗରୀୟ କ୍ଷେତ୍ର ନେଇ ମତ ବିନିମୟ ହୋଇଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

## ଏକ୍ସକ୍ଲୁସିଭ୍ ଇଣ୍ଟରଭ୍ୟୁ ଏମ୍‌ଓଏସ୍

ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଦେଶରେ କାର୍ଯ୍ୟ ଦକ୍ଷତାର ସହ ରାଜନୀତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗ ସହିତ ଏକ ପଡ଼କାଷ୍ଟ ସାକ୍ଷାତକାରରେ ଶ୍ରୀ ମାଲହୋତ୍ରା ସାମାଜିକ, ଅର୍ଥନୈତିକ ଏବଂ ରଣନୈତିକ କ୍ଷେତ୍ରରେ ମୋଦୀ ସରକାର ସାହସିକ ଏବଂ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ସରକାରଙ୍କୁ ପ୍ରତିକ୍ରିୟାଶୀଳ ଏବଂ ଦାୟିତ୍ୱବାନ ବୋଲି ବର୍ଣ୍ଣନା କ ଶ୍ରୀ ମାଲହୋତ୍ରା ଦେଶବାସୀଙ୍କ କଲ୍ୟାଣ ପାଇଁ ଯତ୍ନବାନ ହେବା ସହ ପ୍ରବାସୀ ଭାରତୀୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ସରକାରଙ୍କ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ସଂସ୍କାର ଏବଂ ସକ୍ରିୟ ନୀତି ଦେଶରେ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହନ ପ୍ରଦାନ କରିଛି ବୋଲି ସେ କହିଛନ୍ତି ।

**V/O-HARSH-MALHOTRA-ON-EASE-OF-DOING-BUSINESS**

ଏହି ପଡ଼କାଷ୍ଟ ଆଲୋଚନା ଆକାଶବାଣୀର ୟୁଟ୍ୟୁବ୍ ଚ୍ୟାନେଲ୍ **News On AIR** ଅଫିସିଆଲ୍ ଏବଂ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ଆଜି ପ୍ରଚାର କରାଯିବ ।

# ସ୍ନାନ ପୂର୍ଣ୍ଣିମା

ପୁରୀ ଶ୍ରୀ ମନ୍ଦିରରେ ଶ୍ରୀଜୀଉଙ୍କର ଆଜି ଦେବସ୍ନାନ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେଉଛି । ରତ୍ନ ବେଦୀ ଛାଡ଼ି ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ବେଦୀକୁ ବିଜେ କରୁଛନ୍ତି । ସ୍ନାନ ମଣ୍ଡପରେ ଠାକୁରଙ୍କର ସମସ୍ତ ନୀତିକାନ୍ତି ସହ ହାତୀବେଶ ଅନୁଷ୍ଠିତ ହେବ । ସ୍ନାନ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିବା ଲାଗି ପ୍ରବଳ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ସ୍ନାନ ମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଜି ଗୋଟି ପହଣ୍ଡିରେ ଅଣସର ଘରକୁ ନିଆଯିବ ।

# ଫୁଟବଲ

୨୦୨୭ ଏ.ଏଫ୍.ସି. ଏସିଆନ୍ କପ୍ ଫୁଟବଲ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତର ପରାଜିତ ହୋଇଛି । ହଂକଂର କାଇତକ୍ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ହଂକଂ' ଭାରତକୁ ୧-୦ ଗୋଲ୍‌ରେ ହରାଇ ଦେଇଛି । ଉଭୟ ଦଳ ଏହି ମ୍ୟାଚ୍‌କୁ ଜିତିବା ପାଇଁ ପ୍ରବଳ ଚେଷ୍ଟା କରିଥିଲେ । ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଇଞ୍ଜୁରୀ ଟାଇମ୍‌ର ଅତିରିକ୍ତ ଚାରି ମିନିଟ୍ ଖେଳରେ ପେନାଲ୍ଟି ହଂକଂ ଏହି ବିଜୟ ହାସଲ କରିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ସିଙ୍ଗାପୁର ୨-୧ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରି ଗ୍ରୁପ୍-ସି ତାଲିକାର ଶୀର୍ଷ ସ୍ଥାନରେ ଉନ୍ନିତ ହୋଇଛି । ହଂକଂ ଦ୍ୱିତୀୟ ସ୍ଥାନରେ ରହିଛି ।